# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24th June – 2026

***********************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ।

- ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାଓ୍ୱାଲେ ।

— ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ସୁଦୃଢ଼ ନେଇ ଆଲୋଚନା ।

- ରାଜ୍ୟବ୍ୟାପୀ ଆରମ୍ଭ ହେଲା ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ।

***Desk***

# ସାମୁଦ୍ରିକ ସୁରକ୍ଷା ନୀତି ବୈଠକ

ରାଜ୍ୟ ଦେଇ ଯାଇଥିବା ସାମୁଦ୍ରିକ ଅଞ୍ଚଳ କେବଳ ଏକ ଭୌଗୋଳିକ ସୀମା ନୁହେଁ, ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତିକ ସହଭାଗିତାର ପ୍ରବେଶ ପଥ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ୧୪ତମ ମଲ୍ଟି ଏଜେନ୍ସି ସାମୁଦ୍ରିକ ସୁରକ୍ଷା ଗ୍ରୁପ ନୀତି ବୈଠକକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହୋଇଛି । ଏଥିରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ରାଜ୍ୟର ସାମୁଦ୍ରିକ ରଣନୈତିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବାପାଇଁ ଗଞ୍ଜାମଠାରେ ଏକ ଗଭୀର ସମୁଦ୍ର ବନ୍ଦର ଏବଂ ପାରାଦ୍ୱୀପ ନିକଟରେ ଏକ ସିପ୍ ବିଲ୍‌ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି ।

***Voice (CM)*** :......

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଅତ୍ୟାଧୁନିକ ନିରୀକ୍ଷଣ ନେଟ୍‌ୱର୍କର ଉପଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Desk***

# ଅଠାଓ୍ୱାଲେ - ଓଡ଼ିଶା ଗସ୍ତ

ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଭାବେ ଉଭା ହୋଇଛି ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାଓ୍ୱାଲେ କହିଛନ୍ତି । ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଅଠାଓ୍ୱାଲେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ଧରି ଦେଶରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ସାମାଜିକ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଅନୁସୂଚିତ ଜାତି ଓ ଜନଜାତି ଏବଂ ଦିବ୍ୟାଙ୍ଗଙ୍କ କଲ୍ୟାଣ ସହ ତୃତୀୟଲିଙ୍ଗୀ ଓ ଆନ୍ତଃବିବାହ ପ୍ରୋତ୍ସାହନ ଦିଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗଙ୍କ କଲ୍ୟାଣପାଇଁ କେନ୍ଦ୍ର ସରକାର ବହୁବିଧ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରୁଛନ୍ତି । ରାଜ୍ୟରେ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଥିବାରୁ ନିବେଶ ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ଯୁବବର୍ଗଙ୍କପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ଅଠାଓ୍ୱାଲେ ଗୁରୁତ୍ୱାରୋପ କରିଥିଲେ । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ରାଜ୍ୟର ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରାଯିବ । ମଧୁବାବୁ ପେନ୍‌ସନ ଓ ମୁଖ୍ୟମନ୍ତ୍ରୀ

ଅନ୍ନପୂର୍ଣ୍ଣା ଯୋଜନା ଆଦି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ଏହି ଅବସରରେ ଶ୍ରୀ ଅଠାଓ୍ୱାଲେ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ । ଓଡ଼ିଶାର ସମୃଦ୍ଧ ଐତିହ୍ୟ, ବୌଦ୍ଧଧର୍ମର ପ୍ରସାର ଏବଂ ଶାନ୍ତିବାର୍ତ୍ତାରେ ଏହାର ଅବଦାନକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବାକୁ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

***Desk***

# କେନ୍ଦୁପତ୍ର ଚିନ୍ତନ ଶିବିର

ଭୁବନେଶ୍ୱର ଅରଣ୍ୟ ଭବନଠାରେ କେନ୍ଦୁପତ୍ର ଚିନ୍ତନ ଶିବିର ଆୟୋଜିତ ହୋଇଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ କେନ୍ଦୁପତ୍ର ସମ୍ପର୍କିତ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବାପାଇଁ ବ୍ୟାପକ ପ୍ରଶିକ୍ଷଣର ଆୟୋଜନ କରାଯିବ । ଏହାସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ଶର୍ମା କହିଛନ୍ତି ।

*IPR*

## ପ୍ରଶିକ୍ଷଣ କର୍ମଶାଳା

ରାଜ୍ୟରେ କୃଷିକ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ସୁଦୃଢ଼ କରିବାପାଇଁ ଭୁବନେଶ୍ୱରରେ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ ମାଧ୍ୟମରେ କୃଷିନୀତିରେ ମହିଳା ଚାଷୀଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା ।

***Puri, Baragarh/R***

## ରାଜ୍ୟ ସରକାର - ଦୁଇବର୍ଷ ପୂର୍ତ୍ତି

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସହରାଞ୍ଚଳରେ ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭିତ୍ତିଭୂମି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଶାସନକାଳ ପୂର୍ତ୍ତି ଉପଲକ୍ଷେ ଆଜିଠାରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପୁରୀଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ

ମିଳିତ ସହଭାଗିତାରେ ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରାଯାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ରାସ୍ତା ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ୨୦୩୬ ବିକଶିତ ଓଡ଼ିଶା ଲକ୍ଷ୍ୟପୂରଣ ଦିଗରେ ସହରୀ ବିକାଶରେ ଜନଭାଗିଦାରିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଫେଇ କର୍ମଚାରୀ, ଜଳସାଥୀ ଓ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ  ରାଜ୍ୟର ୩୦ଟି ଜିଲ୍ଲାର ୧୧୫ ସହରାଞ୍ଚଳର ପ୍ରତିନିଧିମାନେ ସାମିଲ୍ ହୋଇଥିଲେ ।

ବରଗଡ଼ଠାରେ ମଧ୍ୟ ଆଜି ଜନସମ୍ପର୍କ ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଜନସାଧାରଣଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା ।

ବିକଶିତ ଓଡ଼ିଶା ପାଇଁ ଜନଭାଗିଦାରୀ– ସଶକ୍ତ ନାଗରିକ, ସମାବେଶୀ ସହର, ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ବିଷୟବସ୍ତୁ ଆଧାରରେ ଏହାର ଆୟୋଜନ କରାଯାଉଛି । ନାଗରିକଙ୍କ  ସହିତ ସମ୍ପର୍କକୁ ଅଧିକ ସୁଦୃଢ଼, ସହରୀ ବିକାଶ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତାର ପ୍ରଦର୍ଶନ ଏବଂ ରାଜ୍ୟର ସହରାଞ୍ଚଳ ଭବିଷ୍ୟତକୁ ସମୃଦ୍ଧ କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଜନସମ୍ପର୍କ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।

***Deogarh, Kandhamal/R***

# ବିକାଶର ଧାରା ଓଡ଼ିଶା ସାରା

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବାରକୋଟ ବ୍ଲକ୍‌ର ବିଭିନ୍ନ ପ୍ରକଳ୍ପ ଦେଖିବାକୁ ଯାଉଥିବା ଅଧିକାରୀଙ୍କ ଯାନଗୁଡ଼ିକୁ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ଭବନ ପରିସରରେ 'ବିକାଶର ଧାରା ଓଡ଼ିଶା ସାରା' ଶୀର୍ଷକ ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଯାଇଛି । କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳତା ନେଇ 'କନ୍ଧମାଳ ବିକାଶ' ଚିତ୍ର ବୁଲି ଦେଖିଥିଲେ ।

***Deogarh/R***

# ନିଶାମୁକ୍ତ ଅଭିଯାନ

ଦେବଗଡ଼ ଜିଲ୍ଲା ବାରକୋଟ୍ ବ୍ଲକ୍ ଅନ୍ତର୍ଗତ କୋଲ୍‌ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜୀବନଜ୍ୟୋତି ସମନ୍ୱିତ ନିଶାମୁକ୍ତ ଓ ଥଇଥାନ କେନ୍ଦ୍ର ଆନୁକୂଲ୍ୟରେ

'ନିଶାମୁକ୍ତ ଭାରତ ଅଭିଯାନ ଓ ବିକଶିତ ଭାରତ' ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଶା ସେବନର ଅପକାରିତା ଓ ନିଶାମୁକ୍ତ ସମାଜ ଗଠନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ ।

***Rayagada/R***

## ଏସ୍.ଆଇ.ଆର୍.

ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ – ଏସ୍.ଆଇ.ଆର୍. କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜିଲ୍ଲାର ୩ଟି ବିଧାନସଭା କ୍ଷେତ୍ରରେ ମୋଟ୍ ୭ ଲକ୍ଷ ୧୪ ହଜାର ୫୦୦ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରାଯାଇଛି । ସେଥିରୁ ଶତ ପ୍ରତିଶତ ଡିଜିଟାଇଜେସନ ହୋଇଥିବାବେଳେ ଯାଞ୍ଚ୍ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

***Desk***

## ରାଜେନ୍ଦ୍ରାଭିଷେକ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଜ୍ୟେଷ୍ଠ ଶୁକ୍ଳ ଦଶମୀ ତିଥିରେ ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ଅନୁଷ୍ଠିତ ହେଉଛି । ସନ୍ଧ୍ୟାଧୂପ ପରେ ଏହି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ

ଆଜ୍ଞାମାଳ ପ୍ରାପ୍ତି ପରେ ଭୋଗ ଘର ନିକଟକୁ ବିଜେ କରିବେ। ଏହି ସମୟରେ ମହାପ୍ରଭୁଙ୍କ ଆଲଟଲାଗି ସହିତ ପଣାଭୋଗ ହେବ। ଭୋଗବାଟଠାରେ ବଚନିକା ସହିତ ପରବର୍ତ୍ତୀ ସମୟରେ ମଦନମୋହନଙ୍କୁ ରଥକୁ ନିଆଯିବାର ପରମ୍ପରା ରହିଛି। ପରେ ରଥବେଢ଼ା ପରିକ୍ରମା ଓ ମହାପ୍ରଭୁଙ୍କ ନିକଟରେ ଦଣ୍ଡ ପ୍ରଣାମ କରାଯିବ।

***Cuttack, Makangiri(2), Jajpur/R***

## ଖବର ସଂକ୍ଷେପରେ....

କଟକ ଜିଲ୍ଲାରେ ଆସନ୍ତା ୧୬ରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଡାଇରିଆ ନିରାକରଣ ଅଭିଯାନ ଆରମ୍ଭ ହେବ । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି ।

ମାଲକାନଗିରି ଜିଲ୍ଲାର ବିଭିନ୍ନ ମତଦାନ କେନ୍ଦ୍ରରେ ଆଜି ବୁଥ୍‌ସ୍ତରୀୟ ଅଧିକାରୀ ଓ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ନେଇ ଏକ ବୈଠକ ହୋଇଯାଇଛି । ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା ।

ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହଠାରେ ଚଳିତ ମାସପାଇଁ ଶିକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଯାଜପୁର ଜିଲ୍ଲାରେ ୧୪ ବର୍ଷରୁ ଊର୍ଦ୍ଧ୍ୱ ଯୁବକ ଯୁବତୀମାନଙ୍କପାଇଁ ସନ୍ତରଣ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଏଥିରେ ୧୦ଟି ବ୍ଲକ୍‌ରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଛନ୍ତି ।

***Met. O.***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଓଡ଼ିଶାକୁ ସ୍ପର୍ଶ କରିଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ମୟୂରଭଞ୍ଜର ବିଜାତାଲାଠାରେ ୫୮ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ***Met. O.***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଓଡ଼ିଶାକୁ ସ୍ପର୍ଶ କରିଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ମୟୂରଭଞ୍ଜର ବିଜାତାଲାଠାରେ ୫୮ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା

ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******